# ନିର୍ବାଚନ ପରିଚାଳନା ନିମନ୍ତେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ ।

ଅନୁଗୋଳ,ତା.୧୧.୦୪:- ନିର୍ବାଚନ ପରିଚାଳନା ନିମନ୍ତେ ପ୍ରସ୍ତୁତ ହୋଇଥିବା ନିୟମାବଳୀ ସମ୍ପର୍କରେ ପ୍ରାର୍ଥୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଗତକାଲି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହ ଠାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଏହି ବୈଠକରେ ଯୋଗ ଦେଇ ନିର୍ବାଚନ ସମ୍ବନ୍ଧୀୟ ତଥ୍ୟ ଉପସ୍ଥିତ ପ୍ରତିନିଧିମାନଙ୍କୁ ପ୍ରଦାନ କରିଥିଲେ । ଏହି ବୈଠକରେ ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଅଶୋକ ଏ ସିଙ୍ଗାରେ, ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ରମେଶ ବର୍ମା, ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ଭି ଏନ୍ ତ୍ରିବେଦୀ,ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ରାମେଶ୍ୱର ପି ମିନା ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ମିତ୍ରଭାନୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ନିର୍ବାଚନ ଆଚରଣ ବିଧି ଉଲଂଘନର କୌଣସି ଖବର ଜିଲ୍ଲାପାଳଙ୍କ ନଜରକୁ ଆଣିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବିଜ୍ଞାପନ ଗୁଡିକ ମେଡିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟିରେ ଯାଂଚ କରାଯିବା ପରେ ପ୍ରଚାର ଉଦ୍ଦେଶ୍ୟରେ ପ୍ରକାଶିତ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପ୍ରାର୍ଥୀ ନିର୍ବାଚନ ବ୍ୟୟ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଜମା ଖାତା ଖୋଲିବେ । ପ୍ରକାଶଥାଉକି ମନୋନୟନ ପତ୍ର ଦାଖଲ ପୂର୍ବରୁ ନିର୍ବାଚନ ବ୍ୟୟ ଉଦ୍ଦେଶ୍ୟରେ ସମସ୍ତ ପ୍ରାର୍ଥୀ ବ୍ୟାଙ୍କ ଜମା ଖାତା ଖୋଲିବା ବାଧ୍ୟତାମୂଳକ ଅଟେ । ଏହି ଜମା ଖାତାରେ ସର୍ବାଧିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ କାରବାର କରିବା ସହ ୧୦ ହଜାରରୁ ଅଧିକ ଖର୍ଚ୍ଚ ହେଲେ ତାହା ଚେକ୍ ମାଧ୍ୟମରେ କରିବାକୁ ପରାମର୍ଶ ଦିଆଯାଇଛି । ଡେପୁଟୀ କମିଶନର ସି ଟି ଆଣ୍ଡ ଜି ଏସ୍ ଟି ଶ୍ରୀ ଦିପକ କୁମାର ପଣ୍ଡା ଏହି ବୈଠକରେ ସାଧନକର୍ମୀ ଭାବେ ଯୋଗ ଦେଇ ସମସ୍ତ ପ୍ରାର୍ଥୀ ୩ଟି ରେଜିଷ୍ଟର ତଥା ଦୈନନ୍ଦିନ ନିର୍ବାଚନ ଖର୍ଚ୍ଚ ବିବରଣୀ ରେଜିଷ୍ଟର, କ୍ୟାସ ରେଜିଷ୍ଟର ଓ ବ୍ୟାଙ୍କ ରେଜିଷ୍ଟରକୁ ନିୟମିତ ସଠିକ୍ ଭାବରେ ପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି । ଏହି ରେଜିଷ୍ଟର ଗୁଡିକୁ ନିୟମିତ ଅନୁଧ୍ୟାନ କରାଯାଇ ଯାଂଚ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୧ ,୧୫ ଓ ୨୦ ତାରିଖ ପୂର୍ବାହ୍ନ ୧୧ ଘଟିକା, ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୨,୧୬ ଓ ୨୧ ପୂର୍ବାହ୍ନ ୧୧ ଘଟିକା ଓ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୨,୧୬ ଓ ୨୧ ଅପରାହ୍ନ ୩ ଘଟିକା ସମୟରେ ସମ୍ପୃକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓ ଆଠମଲ୍ଲିକ ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୨,୧୭ ଓ ୨୧ ପୂର୍ବାହ୍ନ ୧୧ ଘଟିକା ସମୟରେ ଡି ଆର ଡି ଏ ସମ୍ମିଳନୀ କକ୍ଷରେ ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ଖାତା ଯାଂଚ ଓ ତଦାରଖ କରାଯିବ । ନିର୍ବାଚନ ପ୍ରଚାରରେ ବ୍ୟବହୃତ ହେବାକୁ ଥିବା ଗାଡିଗୁଡିକ ନିମନ୍ତେ ଅନୁମତି ନେଇ ଗାଡି ସାମ୍ନା କାଚରେ ପ୍ରାପ୍ତ ଅନୁମତି ପତ୍ର ଲଗାଇବାକୁ ପରାମର୍ଶ ଦିଆଯାଇଛି । ଯଦି ପ୍ରାର୍ଥୀ ଅନୁମତି ପ୍ରାପ୍ତ କୌଣସି ଗାଡି ନିର୍ବାଚନ ପ୍ରଚାରରେ ବ୍ୟବହାର କରୁନଥିବେ ତାହା ରିଟର୍ଣ୍ଣିଂ ଅଫିସରଙ୍କୁ ଜଣାଇ ଅନୁମତି ରଦ୍ଦ କରିବାକୁ ପଡିବ । ନଚେତ ଏହି ଗାଡି ବାବଦରେ ଆନୁମାନିକ ବ୍ୟୟର ହିସାବ କରାଯାଇ ପ୍ରାର୍ଥୀଙ୍କର ନିର୍ବାଚନ ଖର୍ଚ୍ଚରେ ଯୋଗ କରାଯିବ । ପ୍ରାର୍ଥୀମାନେ ଶୋଭାଯାତ୍ରା ଏବଂ ରାଲି ପାଇଁ ଆଗୁଆ ଅନୁମତି ନେବାକୁ ପଡିବ । ନିର୍ବାଚନ ବ୍ୟୟ ପର୍ଯ୍ୟାଲୋଚନା ସମ୍ବନ୍ଧୀୟ ସମସ୍ତ ନିର୍ଦ୍ଦେଶାବଳୀ ଅନୁଧ୍ୟାନ କରିବା ସହ ସନ୍ଦେହ ହେଲେ ନିର୍ବାଚନ ବ୍ୟୟ ପର୍ଯ୍ୟାଲୋଚନା ନୋଡାଲ ଅଫିସରଙ୍କୁ ଯୋଗାଯୋଗ କରିବାକୁ ଜଣାଇଦିଆଯାଇଛି । ତାରକା ପ୍ରଚାରଙ୍କ ଦ୍ୱାରା ଗସ୍ତ ଖର୍ଚ୍ଚ (ହେଲିକେପ୍ଟର ସଦୃଶ) ପ୍ରାୟୋଜକ ଦଳଠାରୁ ସଂଗ୍ରହ କରିବେ ଯେପରିକି

ପ୍ରାର୍ଥୀଙ୍କର ହିସାବ ବିବରଣୀରେ ସେଗୁଡିକ ନିର୍ଭୁଲ ଭାବେ ଦରଜ ହୋଇପାରିବ ଓ ହେଲିକପ୍ଟର/ଉଡାଜାହଜ ନିଜ ନିର୍ବାଚନମଣ୍ଡଳୀରେ ଅବତରଣ କରିବାର ୫ ଦିନ ମଧ୍ୟରେ ରିଟର୍ଣ୍ଣି ଅଫିସରଙ୍କୁ ଉପରୋକ୍ତ ହେଲିକପ୍ଟର ନିମନ୍ତେ କମ୍ପାନୀକୁ ପଇଠ ହୋଇଥିବା କିମ୍ବା ପଇଠ ହେବାକୁ ଥିବା ଭଡା,ଯାତ୍ରୀଙ୍କ ନାମ,ପ୍ରାୟୋଜକ ରାଜନୈତିକ ଦଳର ନାମ(ଯଦି ଦଳ ଏହି ଭଡା ନିମନ୍ତେ ଖର୍ଚ୍ଚ ବହନ କରିଥିବେ) ଇତ୍ୟାଦି ବିଷୟରେ ସୂଚନା ଦେବାକୁ ପଡିବ । ମୁକ୍ତ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ପର୍ଯ୍ୟବେକ୍ଷକମାନେ ଗୁରୁତ୍ୱାରୋପ କରିଥିଲେ । ଆରକ୍ଷୀ ଅଧିକ୍ଷକ ଗାଡି ଗୁଡିକର ଯାଞ୍ଚରେ ସମସ୍ତେ ଶାନ୍ତି ଶୃଙ୍ଖଳାର ସହ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି । ଭୋଟର ମାନଙ୍କୁ କୌଣସି ପ୍ରକାର ପ୍ରଲୋଭନ ନ ଦେଖାଇ ନିର୍ବାଚନ ଆଚରଣ ବିଧିର କଡାକଡି ପାଳନ ନିମନ୍ତେ ପୋଲିସକୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରାକେଶ କୁମାର କୁଣ୍ଡୁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

